# Akashvani, Sambalpur

## SAMBALPURI NEWS EVENING BULLETIN

## 25 November 2025- 7.02 pm- 7.12 pm.

*********************************************

୧- ଅଯୋଧ୍ୟା ନଗରୀ ବିକଶିତ ଭାରତ୍‌ର ମେରୁଦଣ୍ଡ ବନୁଛେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଶ୍ରୀରାମ୍ ଜନ୍ମଭୂମି ମନ୍ଦିର୍ ଶିଖର୍ ନ କଲେ ଧର୍ମ ଧ୍ୱଜା ଉତୋଲନ୍ ।

୨- ୧୨ ଟା ବିଭାଗ୍‌ର ୭ ହଜାର୍‌ନୁ ଅଏତ୍‌କା ନୂଆଁ ଚାକିରୀ ପାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ବିକଶିତ ସମ୍ବଲପୁର୍ - ବିକଶିତ ଓଡ଼ିଶା ଲାଗି ସଭେ ମିଶିକରି ଆଗ୍‌କେ ବଢ଼୍‌ମା କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ରାଏଜେ ଆଏଜ୍‌ଠାନୁ ମୁଲ୍ ହେଲା ଧାନ୍ ଘିନା ।

- ଇ ବଛର୍ ୩ ହଜାର୍ ଶହେ ୩୪ ଟା ମଣ୍ଡି ନୁ ୯୩ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ ସର୍‌କାର୍ ।

ପ୍ରଧାନ୍‌ମନ୍ତ୍ରୀ ଧର୍ମଧ୍ୱଜା ଉତୋଲନ୍        ଏନ୍‌ଏସ୍‌ଡି

ଅଯୋଧ୍ୟା ନଗରୀ ବିକଶିତ ଭାରତ୍‌ର ମେରୁଦଣ୍ଡ ବନୁଛେ ଆଉ ଆଏବା ଦିନେ ଇ ଜାଗା ଆଧ୍ୟାତ୍ମିକତା ଆଉ ଆଧୁନିକ୍ ପ୍ରଯୁକ୍ତି ବିଦ୍ୟାର୍ ସଂଗମ୍ ସ୍ଥଳ୍ ହେବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଉତର୍ ପ୍ରଦେଶ୍‌ର ଅଯୋଧ୍ୟା ରାମ୍ ଜନ୍ମଭୂମି ମନ୍ଦିର୍ ଶିଖର୍‌ଥି ଧର୍ମଧ୍ୱଜା ଉତୋଲନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଇ ପତାକା ଭାରତୀୟ ସଭ୍ୟତାର୍ ପୁର୍ନଜାଗରଣ୍‌କେ ଦର୍ଶଉଛେ । ଦେଶ୍ ବିକଶିତ୍ ଭାରତ୍ ଦିଗ୍‌କେ ଗତି କରୁଥିଲା ବେଲ୍‌କେ ଇଥି ସଭେ ଭାଗିଦାର୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ମନ୍ଦିର୍ ପରିସର୍ ନ ଥିବା ସପ୍ତର୍ଷି ମନ୍ଦିର୍ ଆଉ ଶେଷାବତାର୍ ମନ୍ଦିର୍, ମାତା ଅନ୍ନପୂର୍ଣ୍ଣା ମନ୍ଦିର୍ ସହେତେ ରାମ୍ ଲଲ୍ଲା ମନ୍ଦିର୍ ଗର୍ଭଗୃହ ନ ପୂଜା କରିଥିଲେ । ସମାରୋହଥି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ସରସଂଘ ଚାଳକ ମୋହନ୍ ଭାଗ୍‌ବତ ଭିଲ୍ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ-ଅଯୋଧ୍ୟା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଅଯୋଧ୍ୟା ରାମ୍‌ମନ୍ଦିର୍‌ର ଧର୍ମଧ୍ୱଜା ଆଉ ଆରୋହଣ ହେଉଛେ ସଂକଳ୍ପ ନୁ ସିଦ୍ଧିର୍ ଗୁଟେ ଉଦାହରଣ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶ୍‌ବାସୀଙ୍କୁ ଅଭିନନ୍ଦନ୍ ଜନେଇକରି ଇ ଶୁଭ ଅନୁଷ୍ଠାନ୍ ଆମର୍ ଗୌରବ୍‌ମୟ ସଂସ୍କୃତି ଆଉ ଇତିହାସ୍‌ର ମୂକ ସାକ୍ଷୀ ବଲି କହିଛନ୍ ।

ରାଜ୍ୟସ୍ତରୀୟ ନିଯୁକ୍ତି ମେଳା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ୧୨ ଟା ବିଭାଗ୍‌ର ୭ ହଜାର୍ ୨ ଶହ ୯୩ ଝନ୍ ନୂଆଁକରି ନିଯୁକ୍ତି ପାଇଥିବା ୟୁଆନ୍ ପିଲାଟୁକେଲ୍ ମାନ୍‌କୁ ନିଯୁକ୍ତି ପତ୍ର ବାଂଟିଛନ୍ । ଭୁବ୍‌ନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ ହେଇଥିବା ନିଯୁକ୍ତି ମେଳା ଆଉ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୫ ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆଁକରି ନିଯୁକ୍ତି ପାଇଥିବା ୟୁଆନ୍ ପିଲାଟୁକେଲ୍‌ମାନ୍‌କୁ ସର୍‌କାରୀ ଯୋଜ୍‌ନାର୍ ସଫଲ୍ ରୂପାୟନ୍ ଦିଗେ କାମ୍ କର୍‌ବାର୍ ସହେତେ ରାଜ୍ୟ ଆଉ ଦେଶର୍ ବିକାଶ୍ ଦିଗେ ଭାଗିଦାର୍ ହେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ଚେମ୍ବର୍ସ ଅଫ୍ କମର୍ସ I&PR

ସର୍କାର୍ ଆଉ ଶିଳ୍ପସଂସ୍ଥା ମାନ୍କର୍ ମିଲିତ୍ ଉଦ୍ୟମ୍ଥି ଓଡ଼ିଶାର୍ ସମୃଦ୍ଧି ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ ନ ଉତ୍କଳ ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ତର୍ଫୁ ହେଇଥିବା ସମୃଦ୍ଧ ଓଡ଼ିଶା -୨୦୩୬ କନ୍କ୍ଲେଭ୍କେ ଉଦ୍ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଇହାଦେ ଓଡ଼ିଶା ନ ପ୍ରକୃତ ଶିଳ୍ପ ବିପ୍ଳବ୍ ମୁଲ୍ ହେଇଛେ । ଆଏବା ୧୦ ବଛର୍ ଭିତ୍ରେ ଓଡ଼ିଶାର୍ ଅର୍ଥନୀତି ୫ ଶହ ବିଲିୟନ୍ ଡଲାର୍କେ ପୁହୁଁଚିବା । ଏବ୍ତକ୍ ରାଏଜେ ୨ ଲାଖ୍ କୋଟି ଟଙ୍କାର୍ ପୁଞ୍ଜି ବିନିଯୋଗ୍ କରାଯାଇକରି ୮୪ ଟା ଶିଳ୍ପ ପ୍ରକଳ୍ପର୍ ଶିଳାନ୍ୟାସ୍ ହେଇଛେ । ଇତାର୍ ଜରିଏ ୧ ଲାଖ୍ ୬୪ ହଜାର୍ ନିଯୁକ୍ତି ସୃଷ୍ଟି କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ସମୃଦ୍ଧ ଓଡ଼ିଶା ୨୦୩୬ ସ୍ମରଣିକା ଉନ୍ମୋଚନ୍ କରିଛନ୍ ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ

୨୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୮ ତାରିଖ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ତୀର୍ଥଯାତ୍ରୀ ଟ୍ରେନ          I&PR

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍‌ନାଥି ୨୦୨୫ -୨୬ ଆର୍ଥିକ୍ ବଛ୍‌ରର୍ ୨ ନମ୍ବର୍ ଖେପେ ଆଏଜ୍ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକ ଭୁବ୍‌ନେଶ୍ୱର୍ ନୁ ଉଜ୍ଜୟିନୀ-ଓମ୍‌କାରେଶ୍ୱର୍ ଯାତ୍ରା କରିଛନ୍ ।  ତୀର୍ଥଯାତ୍ରୀ ଟ୍ରେନ୍‌କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିକରି କହିଛନ୍, ବରିଷ୍ଠ ନାଗରିକମାନ୍‌କର୍ ତୀର୍ଥଯାତ୍ରା ଇଛା ପୂରଣ୍ କର୍‌ବାର୍ ଦିଗେ ରାଜ୍ୟ ସର୍‌କାର୍‌ଙ୍କର୍ ଇଟା ଗୁଟେ ବହୁତ୍ ବଡ଼ ପଦକ୍ଷେପ୍ ଆଏ । ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ଯୋଜ୍‌ନାଥି ୧୦ ଟା ଖେପେ ୮ ହଜାର୍ ବରିଷ୍ଠ ନାଗରିକ୍ ଭାରତ୍‌ର ତୀର୍ଥ ଜାଗା ମାନ୍‌କେ ବୁଲିଯିବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ପଞ୍ଜିକରଣ୍ ତାରିଖ ବଢ଼୍ଲା             କଟକ୍ ସମ୍ବାଦଦାତା

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଉ ଓଡ଼ିଶା ଖଣି ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଲାଗି ପଞ୍ଜିକରଣ୍ ତାରିଖ୍ ଆଏବା ମାସର୍ ୧ ତାରିଖ୍ତକ୍ ବଢ଼ାଯାଇଛେ । ଅଭିଭାବକ୍ମାନ୍କର୍ ଅନୁରୋଧ୍ ଲାଗି ପରିଷଦ୍ ତର୍ଫୁ ଇ ପଦକ୍ଷେପ୍ ନିଆଯାଇଥିବାର୍ କୁହାଯାଇଛେ ।

ଏକତା ପଦଯାତ୍ରା             ସମ୍ବଲପୁର ସମ୍ବାଦଦାତା/ଏକ୍ସ

ବିକଶିତ ସମ୍ବଲପୁର୍ - ବିକଶିତ ଓଡ଼ିଶା ଲାଗି ସଭେ ମିଶିକରି ଗୁଟେ ଗୁଟେ ପାହା ଆଗ୍କେ ବଢ଼ାମା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍ପୁର୍ ନ ଆଏଜ୍ ଲୌହମାନବ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ଙ୍କର୍ ଶହେ ୫୦ ତମ ଜୟନ୍ତୀ ପାଳନ୍ ଅବ୍ସରେ ହେଇଥିବା ଏକତା ପଦଯାତ୍ରାଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ସମ୍ବଲ୍ପୁର୍ ନ ସ୍ୱଚ୍ଛ ଆଉ ସୁସ୍ଥ ପରିବେଶ୍ ଗଢ଼୍ବାର୍ ସମ୍କର୍ ଦାୟିତ୍ୱ ଆଏ । ଗାଁ ଇଲାକା ନ ପୋଷଣ୍କେ ଧ୍ୟାନ୍ ଦେଇକରି ଛୁଆମାନ୍କର୍ ଯତନ୍ ନେବାର୍ ସହେତେ ଇନ ରହୁଥିବା ୨ ଲାଖ୍ନୁ ଅଏତ୍କା ପରିବାର୍ର ସାହାଜ୍, ସ୍ୱାଭିମାନ୍

ଆଉ ସ୍ୱାବଲମ୍ବନ ବଢ଼ାବାର୍ ଲାଗି କାମ୍ କର୍‌ବାର୍ ଜରୁରୀ ଆଏ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍‌ସରେ ରାଜ୍ୟ ଉଚ୍ଚଶିକ୍ଷା ଆଉ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ପୁଲିସ୍ ଆଇ.ଜି. ହିମାଂଶୁ ଲାଲ୍, ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍ ଙ୍କର୍ ସହେତେ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ଧାନ୍ ସଂଗ୍ରହ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେଇଛେ । ଧାନ୍ ଘିନା କମିଟି ବୈଠକ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ, ଧାନ୍ ବିକ୍‌ବାର୍ ଲାଗି ୧୯ ଲାଖ୍ ୬୮ ହଜାର୍ ଚାଷୀ ପଞ୍ଜିକରଣ୍ କରିଛନ୍ । ଇ ବଛର୍ ଦୁହି ଖରିଫ୍ ଆଉ ରବି ଋତୁ ଲାଗି ୯୩ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନା ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ୩ ହଜାର୍ ୧୩୪ ଟା ପ୍ରାଥମିକ୍ ସେବା ସମବାୟ ସମିତି ପ୍ୟାକ୍ସ ଆଉ ଲେମ୍ପ୍ସ ଧାନ୍ ଘିନା ପ୍ରକ୍ରିୟାଥି ସାମିଲ୍ ହେଇଛନ୍ । ଇତାର୍‌ଛଡ଼ା ୧ ହଜାର୍ ୪ ଶହ ୧୯ ମିଲର୍ ଧାନ୍ ଘିନ୍‌ବେ । ଚାଷୀମାନ୍‌କର୍ ଲାଗି ମଣ୍ଡିମାନ୍‌କେ ଇଥର ଖାସ୍ ବ୍ୟବସ୍ଥା କରାଯାଇଛେ । ଧାନ୍ ଘିନ୍‌ବାର୍ ୪୮ ଘଂଟା ଭିତ୍‌ରେ ଚାଷୀମାନ୍‌କର୍ ବେଙ୍କ୍ ଖାତାକେ ଧାନ୍ ବିକା

ପଏସା ପଠାବାର୍ ବ୍ୟବସ୍ଥା କର୍ବାର୍କେ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଧାନ୍ ବିକ୍ରି ପ୍ରିକ୍ରିୟାଥି କେନ୍ସି ଅଭିଯୋଗ୍ ଆସ୍ଲେ ୧୯୬୭ ନମ୍ବର୍ଥି ଫୋନ୍ କରିକରି ଚାଷୀମାନେ ଅଭିଯୋଗ୍ କରିପାର୍ବେ ବଲି ଯୋଗାଣ ବିଭାଗ୍ ତର୍ଫୁ କୁହାଯାଇଛେ ।

ଧାନ୍ ଘିନା-ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ୍ I&PR

୨୦୨୫-୨୬ ଖରିଫ୍ ଧାନ୍ ଘିନା ଲାଗି ଆଏଜ୍ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ୍ ହେଇଯାଇଛେ । ବୈଠକ୍ଥି ଆଏଜ୍ଠାନୁ ରାଏଜେ ମୁଲ୍ ହେଇଥିବା ଧାନ୍ ଘିନା ବାବ୍ଦେ ଆଲୋଚନା କରାଯାଇଥିଲା । ତୃଣମୂଳସ୍ତର୍ ନ ଧାନ୍ଘିନା ପ୍ରକ୍ରିୟାକେ ଠିକ୍ ଭାବେ କର୍ବାର୍ ଲାଗି ବୈଠକ୍ଥି ଆଲୋଚନା କରାଯାଇଥିଲା । ବୈଠକ୍ଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବାଣିଜ୍ୟ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ପ୍ରମୁଖ୍ ଉପସ୍ଥିତ୍ ଥିଲେ ।

ବାଘ ସଂଖ୍ୟା ଆର୍ଏନ୍ୟୁ/ ସମ୍ବଲପୁର

ଶିମିଲିପାଲ୍ ଅଭୟାରଣ୍ୟ ନ ବାଘ୍ ସଂଖ୍ୟା ୩୨ କେ ବଢ଼ିଛେ ବଲି ରାଜ୍ୟ ଜଙ୍ଗଲ୍ ବିଭାଗ୍ ତର୍ଫୁ ଇ ବଛର୍ କରାଯାଇଥିବା ବାଘ୍ ଗନ୍ତି ତଥ୍ୟନୁ ଜନାପଡ଼ିଛେ । ଗଲାବଛର୍ଠାନୁ ଇ ବଛର୍ ଶିମିଲିପାଲ୍‌ନୁ ୫ ଟା ଅଏତ୍‌କା ବାଘ୍ ଅଛନ୍ ଇତାର୍‌ସହେତେ ୯ ଟା ବାଘ୍ ଛୁଆ ଭିଲ୍ ଅଛନ୍ ବଲି ପ୍ରଧାନ୍ ମୁଖ୍ୟ ବନ ସଂରକ୍ଷକ ପ୍ରେମ୍ କୁମାର୍ ଝା କହିଛନ୍ ।

ଇଫି ଏନ୍‌ଏସ୍‌ଡି

ଗୋଆ ନ ଚାଲିଥିବା ୫୬ ନମ୍ବର୍ ଭାରତ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ୍-ଇଫି-୨୦୨୫ ଥି ଆଏଜ୍ ଋଷିଆର୍ ସିନ୍‌ମା 'ଟ୍ରାନ୍ସପରେଂଟ ଲେଣ୍ଡ୍' ପ୍ରଦର୍ଶିତ୍ କରାଯାଇଥିଲା । ସିନ୍‌ମାକେ ଦର୍ଶକ ମହଲ୍‌ନୁ ବହୁତ୍ ପ୍ରଶଂସା କରାଯାଇଥିଲା । ମହୋତ୍ସବ୍‌ଥି ଆଏଜ୍ ବଲିଉଡ୍‌ର ଦିବଙ୍ଗତ ଅଭିନେତା ଧର୍ମେନ୍ଦ୍ର ଦେଓଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଇତାର୍‌ସହେତେ ଭିନ୍ ଭିନ୍ ବିଷେକେ ନେଇକରି ଆଲୋଚନାଚକ୍ର ହେଇଥିଲା ।

ଧାନ୍ ଘିନା କମିଟି ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏବା ମାସର୍ ୩ ତାରିଖ୍‌ନୁ ଧାନ୍ ଘିନା ମୁଲ୍ ହେବା । ଇଥର ୬୮ ଟା ପେକ୍ସ ଆଉ ୧୦ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ଧାନ୍ ଘିନାଯିବା । ଇ ବାବ୍‌ଦେ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ଜିଲ୍ଲା ଧାନ୍ ଘିନା କମିଟି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇ ବଛର୍ ଧାନ୍ ବିକ୍‌ବାର୍‌କେ ଜିଲ୍ଲାର୍ ୫୧ ହଜାର୍ ୩ ଶହ ୪୧ ଝନ୍ ଚାଷୀ ପଞ୍ଜିକୃତ ହେଇଥିବାର୍ ବୈଠକ୍‌ନୁ ଜନାପଡ଼ିଛେ ।

ନୂଆପଡ଼ା- ହାତୀ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ତିଖାଲି ଇଲାକାକେ ୩୦ ଘର୍ ହାତୀ ପଶିଆସିଛନ୍ । ହାତୀମାନ୍‌କର୍ ଗତିବିଧି ସାମ୍ନାକେ ଆଏଲା ଉତ୍‌ରୁ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ହାତୀମାନ୍‌କୁ ବଲାଙ୍ଗିର୍ ଜିଲ୍ଲାର୍ ଜଙ୍ଗଲ୍ ଭିତର୍‌କେ ସୁରକ୍ଷିତ୍ ଭାବେ ଖେଦାଯାଇଛେ । ୩୦ ଘରିଆ ହାତୀ ଭିତ୍‌ରେ ୮ ଟା ଛୁଆ ଥିବାର୍ ଜନାପଡ଼ିଛେ ।

ବୌଦ୍ଧ ମହୋତ୍ସବ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଲୋକସଂସ୍କୃତି, ଲୋକକଳା, ଲୋକଗୀତ, ହସ୍ତକଳାର୍ ପ୍ରଚାର୍ ପ୍ରସାର୍ ଲାଗି ଇ ବଛର୍ ଜାନୁଆରୀ ୨ ନୁ ସହରର୍ କଚ୍‌ରୀ ପଡ଼ିଆ ନ ବୌଦ୍ଧ ମହୋତ୍ସବ୍ ମୁଲ୍ ହେବା । ୬ ତାରିଖ୍‌ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ଆଲୋଚନାଚକ୍ର ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ହେବା ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବାଉଁଶୁଣି ଗାଁ ନ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ବିଭାଗ୍ ତର୍‌ଫୁ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା-୨୦୨୫ ହେଇଯାଇଛେ । ମହୋତ୍ସବ୍‌ଥି ଭିନ୍ ଭିନ୍ ଗାଁନୁ ବିଭାଗ୍ ସଙ୍ଗେ ଜଡ଼ିତ୍ ଥିବା ୪ ଶହ ୬୦ ନୁ ଅଏତ୍‌କା ଚାଷୀ ସାମିଲ୍ ହେଇଥିଲେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇଥିଲେ ।

ପ୍ରଧାନ୍‌ପାଟ୍ କପ୍ ଫୁଟ୍‌ବଲ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ୍ ନ ଚାଲିଥିବା ପ୍ରଧାନ୍‌ପାଟ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ୨ ନମ୍ବର୍ ଦିନେ ଆଏଜ୍ ସୁନ୍ଦର୍‌ଗଡ଼୍ କେ.ବି.ଏଫ୍.ସି. ଦଲ୍ ଆଉ ଜଗ୍‌ଦଲ୍‌ପୁର୍

ଫୁଟ୍‌ବଲ୍ ଦଲ୍ ଭିତ୍‌ରେ ମେଚ୍ ହେଇଥିଲା । ଇଥି ଜଗ୍‌ଦଲ୍‌ପୁର୍ ଦଲ୍ ୩-ଶୂନ୍ ଗୋଲ୍‌ଥି ଜିତିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ଆଏଜ୍ ଅବପାତ୍‌ଥି ବଦ୍‌ଲିବା । ଆଏବା ୨୪ ଘଂଟା ଭିତ୍‌ରେ ଇଟା ପଶ୍ଚିମ- ଉତର୍-ପଶ୍ଚିମ ଦିଗେ ଯାଇକରି ଦକ୍ଷିଣ ବଙ୍ଗୋପ୍‌ସାଗର୍ ନ ବାତ୍ୟା ର ରୂପ୍ ନେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ସୁନ୍ଦର୍‌ଗଡ଼୍ ଆର୍ କୋରାପୁଟ୍ ନ ଜବର୍ କୁହୁଡ଼ି ନେଇକରି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।